# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 24th August - 2025

******************************

*Desk*

## ଟୁର୍ ଅପରେଟର୍

ଦେଶର କଳା, ସଂସ୍କୃତି ଏବଂ ପ୍ରାକୃତିକ ଐତିହ୍ୟର ବିକାଶ ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗେଜେନ୍ଦ୍ର ସିଂହ ଶେଖାୱତ୍ କହିଛନ୍ତି । ପୁରୀଠାରେ ଗତକାଲି ଟୁର୍ ଅପରେଟର୍‌ମାନଙ୍କ ବାର୍ଷିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତକୁ ବିଶ୍ୱ ସ୍ତରରେ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବାପାଇଁ ଲକ୍ଷ୍ୟ ରଖାଯାଇଛି । କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ପୁରୀର ବିକାଶକୁ ନେଇ ରାଜ୍ୟ ସରକାର ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରୁଛନ୍ତି । ଏହାସହ ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟଭାବେ ପ୍ରତିପାଦିତ କରିବାପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି ।

*Desk*

# ପ୍ରତିଷ୍ଠା ଦିବସ

ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ - ଓ.ୟୁ.ଏ.ଟି. ଆଜି ୬୪ତମ ପ୍ରତିଷ୍ଠା ଦିବସ ପାଳନ କରୁଛି । କୃଷି ଶିକ୍ଷା ସଦନଠାରେ ଆୟୋଜିତ ହେବାକୁ ଥିବା ସମାରୋହରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ଏବଂ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେବେ ।

*Desk*

# ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଲଘୁଚାପ କ୍ଷେତ୍ରର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳର ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତାକାଲି ସୁଦ୍ଧା ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆଜି ୨୦ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମହା ମହାନ୍ତି କହନ୍ତି :

***Voice (Manorama Mohanty)*** :..........

ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ସକାଳ ୬ଟା ସୁଦ୍ଧା ଜଳସ୍ତର ୬୨୧ ଦଶମିକ ୫/୮ ଘନଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୨ ଲକ୍ଷ ୩୩ ହଜାର ୪୭୮ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ସେହି ସମୟ ମଧ୍ୟରେ ୮ଟି ସ୍ଲୁଇସ୍ ଗେଟ୍ ଦେଇ ୧ ଲକ୍ଷ ୬୧ ହଜାର ୬୭୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଉଛି । ଭଦ୍ରକ ଜିଲ୍ଲା ବୈତରଣୀ ନଦୀର ଆଖୁଆପଦାଠାରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି ।

***Desk***

## ଚାଷୀ ପଞ୍ଜୀକରଣ

ଚଳିତ ଖରିଫ୍ ଋତୁପାଇଁ ଧାନ ସଂଗ୍ରହ ନିମନ୍ତେ ରାଜ୍ୟ ସମବାୟ ସମିତିଗୁଡ଼ିକରେ ଚାଷୀ ପଞ୍ଜୀକରଣ ଜାରି ରହିଛି । ଚଳିତ ଥର ପ୍ରାୟ ୨୦ ଲକ୍ଷ ଚାଷୀ ପଞ୍ଜୀକରଣ କରିବାର ଆଶା ରହିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଗତକାଲି ସୁଦ୍ଧା ୧୭ ଲକ୍ଷ ଚାଷୀ ପଞ୍ଜୀକରଣ କରିଥିବା ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି । ପଞ୍ଜୀକରଣ ଅବଧି ଆସନ୍ତାକାଲି ଶେଷ ହେଉଛି ।

*Sonepur/R*

## ପରିସଂଖ୍ୟିକ ସମୀକ୍ଷା

ସୁବର୍ଣ୍ଣପୁର ଜିଲ୍ଲାରେ ବିଭିନ୍ନ ପରିସଂଖ୍ୟିକ ଯୋଜନାର ସ୍ଥିତି ନେଇ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶକ ବିଜୟ ଭୂଷଣ ନନ୍ଦ ସମୀକ୍ଷା କରିଛନ୍ତି । ଜିଲ୍ଲା ଗସ୍ତରେ ଯାଇ ଶ୍ରୀ ନନ୍ଦ କୃଷି ପରିସଂଖ୍ୟାନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଜାତୀୟ ନମୁନା ସର୍ଭେ, ଫସଲ ପରିସଂଖ୍ୟାନର ଉନ୍ନତି, ଉପଭୋକ୍ତା ଏବଂ ପାଇକାରୀ ମୂଲ୍ୟ ସୂଚକାଙ୍କ ଆଦି ସମୀକ୍ଷା କରିଛନ୍ତି । ସାଂସଦ ସ୍ଥାନୀୟ କ୍ଷେତ୍ର ବିକାଶ ଯୋଜନା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନ ଆଦିର କାର୍ଯ୍ୟାନ୍ୱୟନ ସମ୍ପର୍କରେ ସେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ।

*Kandhamal/R*

## ଆଇନ ସଚେତନତା

କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଫୁଲବାଣୀ ବିକଳ୍ପ ବିବାଦ ସମାଧାନ କେନ୍ଦ୍ରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଆଇନ ସମ୍ପର୍କରେ ଆଲୋଚନା କରାଯାଇଛି । ଏଥିରେ ଜିଲ୍ଲାସ୍ତରୀୟ ବିଚାର ବିଭାଗୀୟ

ଅଧିକାରୀ, ଆଇନଜୀବୀ ଏବଂ ପାରା ଲିଗାଲ୍ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ ।

***Desk***

## ପୁନଃ ମୂଲ୍ୟାୟନ ଆବେଦନ

ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ରାଜ୍ୟ ସପ୍ଲିମେଣ୍ଟାରୀ ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଖାତା ପୁନଃ ମୂଲ୍ୟାୟନ ଆବେଦନ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଆସନ୍ତାକାଲିଠାରୁ ୨ ତାରିଖ ପର୍ଯ୍ୟନ୍ତ ବୋର୍ଡ଼ ମୁଖ୍ୟାଳୟ ଏବଂ ଶାଖା କାର୍ଯ୍ୟାଳୟଗୁଡ଼ିକରେ ଇଚ୍ଛୁକ ଛାତ୍ରଛାତ୍ରୀମାନେ ସରକାରୀ କାର୍ଯ୍ୟଦିବସରେ ଆବେଦନ କରିପାରିବେ । ବୋର୍ଡ଼ ୱେବ୍‌ସାଇଟ୍‌ରେ ଏ ସଂକ୍ରାନ୍ତ ଦରଖାସ୍ତ ଉପଲବ୍ଧ ହେଉଛି ବୋଲି ପରିଷଦ ପକ୍ଷରୁ କୁହାଯାଇଛି ।

***Bhadrak/R***

## ଦିବ୍ୟାଙ୍ଗ - ଉପକରଣ ବଣ୍ଟନ

ଭଦ୍ରକ ଜିଲ୍ଲା ବଅନ୍ତ ବ୍ଲକ୍ ମହତାବ ବିଦ୍ୟାଳୟ ପରିସରରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କପାଇଁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଦ୍ୟାଳୟର ୧୧୪ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୨୬ ଜଣଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରାଯାଇଛି ।

*Desk*

## ଅନିମେଶ୍ - ଦୌଡ଼କୁଦ ସ୍ୱର୍ଣ୍ଣ

ଜାତୀୟ ଆନ୍ତଃ ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତାର ପୁରୁଷ ୨୦୦ ମିଟର ବର୍ଗରେ ଓଡ଼ିଶାର ଅନିମେଶ କୁଜୁର ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଚେନ୍ନାଇର ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍‌ରେ ଚାଲିଥିବା ଏହି ପ୍ରତିଯୋଗିତାରେ ଶ୍ରୀ କୁଜୁର ୨୦ ଦଶମିକ ୬/୩ ସେକେଣ୍ଡରେ ନିର୍ଦ୍ଧାରିତ ଦୂରତ୍ୱକୁ ଅତିକ୍ରମ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଉଚ୍ଚଡିଆଁ ବର୍ଗରେ ସ୍ୱାଧୀନ କୁମାର ମାଝୀ ବ୍ରୋଞ୍ଜ୍ ପଦକ ପାଇଛନ୍ତି ।

*Malkangiri/R*

## ଦୃଷ୍ଟିହୀନ ଫୁଟ୍‌ବଲ୍

ଥାଇଲାଣ୍ଡ ସହ ଆସନ୍ତା ସପ୍ତାହରେ ଭାରତ ଏକ ବନ୍ଧୁତ୍ୱପୂର୍ଣ୍ଣ ପୁରୁଷ ଦୃଷ୍ଟିହୀନ ଫୁଟ୍‌ବଲ୍ ମ୍ୟାଚ୍ ଖେଳିବ । ମାଲକାନଗିରି ଜିଲ୍ଲାର କୋୟା ସମ୍ପ୍ରଦାୟର ଆକାଶ ପଡ଼ିଆମୀ ଭାରତୀୟ ଦଳରେ ଖେଳିବାପାଇଁ ସାମିଲ୍ ହୋଇଛନ୍ତି । କେରଳରେ ଅନୁଷ୍ଠିତ ଜାତୀୟ କ୍ୟାମ୍ପ୍‌ରୁ ସେ ଭାରତୀୟ ଦଳପାଇଁ ମନୋନୀତ ହୋଇଛନ୍ତି ।

*****